To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

## ଦ୍ୱିତୀୟ ଟି-୨୦ରେ ବାଂଲାଦେଶକୁ ୬ ୱିକେଟରେ ପରାସ୍ତ କଲା ଟିମ୍ ଇଣ୍ଡିଆ



R.N.I. No.-42041/83 Vol-15, Issue No.244, ଭଦ୍ରକ, ଶୁକ୍ରବାର, ୯, ମାର୍ଚ୍ଚ ୨୦୧୮ ■ Bhadrak, Friday, 9 March 2018 Rs. 2.00 Pages-8

# ମୁନ୍ନା ଖାଁ କାଜୁ ନିଗମ ଅଧ୍ୟକ୍ଷ



| | | |
|---|---|---|
| ମୁନ୍ନା ଖାଁ | - | କାଜୁ ନିଗମର ଅଧକ୍ଷ |
| ପ୍ରଭାତ ଆଦିତ୍ୟ ମିଶ୍ର | - | ଆଗ୍ରୋ ଇଣ୍ଡଷ୍ଟ୍ରି ନିଗମ ଅଧକ୍ଷ |
| ରାମକୃଷ୍ଣ ଦାସ ମହାପାତ୍ରଙ୍କୁ | - | କ୍ଷୁଦ୍ରଶିଳ୍ପ ନିଗମ ଅଧକ୍ଷ |
| କୃତ୍ତିବାସ ପାତ୍ର | - | ଆପିକଲ ଅଧକ୍ଷ |
| ପ୍ରଫୁଲ୍ଲ ସିଂହ | - | କଟକ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି |
| ଜଗନ୍ନାଥ ସ୍ୱାଇଁ | - | ଭଦ୍ରକ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି |

**ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ**

ରବି ମଲ୍ଲିକ, ଗିରୀଶ ଚନ୍ଦ୍ର ଦାସ ଓ ଈଶ୍ୱର ପାଣିଗ୍ରାହୀ ।

ଭୁବନେଶ୍ୱର, ୮।୩ (ସକାଳ ଖବର): ରାଜ୍ୟସଭା ରେସ୍‌ରୁ ବହୁ ଆଶାୟୀ ବାଦ୍ ପଡ଼ିବା ପରେ ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି କ୍ରମରେ ଗୁରୁବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଚଳଚ୍ଚିତ୍ର ବୋର୍ଡ଼ର ଅଧକ୍ଷ ଥିବା ମୁନ୍ନା ଖାଁଙ୍କୁ କାଜୁ ନିଗମର ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି । ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ଆଗ୍ରୋ ଇଣ୍ଡଷ୍ଟ୍ରୀ ନିଗମ ଅଧକ୍ଷ, ରାମକୃଷ୍ଣ ଦାସ ମହାପାତ୍ରଙ୍କୁ କ୍ଷୁଦ୍ରଶିଳ୍ପ ନିଗମ ଅଧକ୍ଷ ଓ କୃତିବାସ ପାତ୍ରଙ୍କୁ ଆପିକଲ ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଏହା ବ୍ୟତୀତ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଭାବେ ୩ ନେତାଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ରବି ମଲ୍ଲିକ, ଗିରୀଶ ଚନ୍ଦ୍ର ଦାସ ଓ ଈଶ୍ୱର ପାଣିଗ୍ରାହୀ। ଗତକାଲି ବିଜେଡି ରାଜ୍ୟସଭା ପ୍ରାର୍ଥୀ ଘୋଷଣା କରିଥିଲା। ଏହାକୁ ନେଇ କେତେକ ନେତା ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ କିଛି ନେତାଙ୍କୁ ସନ୍ତୁଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ ନୂଆ ଦାୟିତ୍ୱ ଦେଇଥିବା ଆଲୋଚନା ହେଉଛି ।

# ଅନୁପ ସାହୁ ଭୁବନେଶ୍ୱର ଡିସିପି



ଭୁବନେଶ୍ୱର, ୮।୩ (ସକାଳ ଖବର):ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଛି । ୩୬ ଜଣ ଅଧିକାରୀଙ୍କ ବିଭାଗ ଓ ପଦବୀରେ ପରିବର୍ତ୍ତନ

## ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ

- ୩୬ ଅଧିକାରୀଙ୍କ ବିଭାଗ ଓ ପଦବୀରେ ପରିବର୍ତ୍ତନ
- ସତ୍ୟବ୍ରତ ଭୋଇ ଉତ୍ତରାଞ୍ଚଳ ଡିଆଇଜି
- ଆରକେ ଶର୍ମା ଗୁଇନ୍ଦା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ
- ଆଶିଷ କୁମାର ସିଂହ ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି
- ବି. ଯୁଗଳକିଶୋର ବାଲେଶ୍ୱର ଏସ୍‌ପି
- ବି. ଗଙ୍ଗାଧରଙ୍କୁ ଭଦ୍ରକ ଏସ୍‌ପି
- ଅରୁଣ ବୋଥ୍ରା କ୍ରାଇମବ୍ରାଞ୍ଚ ଆଇଜି
- ଏମ୍‌କେ ଛାବ୍ରା ଷ୍ଟେଟ୍ ଆର୍ମଡ ପୋଲିସର ଆଡିସିନାଲ ଡିଜି



ବି. ଗଙ୍ଗାଧର

କରାଯାଇଛି । ଭଦ୍ରକ ଏସ୍‌ପି ଅନୁପ ସାହୁ ଭୁବନେଶ୍ୱରର ନୂଆ ଡିସିପି ହେବେ । ଭୁବନେଶ୍ୱର ଡିସିପି ଥିବା ସତ୍ୟବ୍ରତ ଭୋଇ ଉତ୍ତରାଞ୍ଚଳ ଡିଆଇଜି ଭାବେ ପଦୋନ୍ନତି ପାଇଛନ୍ତି । ଆଇଜି ପଦରେ ଥିବା ଏସ୍.କେ ନାଥ, ବିନୟତୋଷ ମିଶ୍ର ଓ ଆରପି କୋଚେ ଏଡିଜି ଭାବେ ପଦୋନ୍ନତି ପାଇଛନ୍ତି । ଆଇଜି ଆରକେ ଶର୍ମା ଗୁଇନ୍ଦା **(ପୃଷ୍ଠା-୭)**

## ୧୭ରେ ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର, ୮।୩ (ସକାଳ ଖବର): ଚଳିତ ମାସ ମାର୍ଚ୍ଚ ୧୭ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଦେଶର ରାଷ୍ଟ୍ରପତି ଶ୍ରୀ



ରାମନାଥ କୋବିନ୍ଦ । ଏହି ଗ୍ରସ୍ତରେ ଆସି ଶ୍ରୀ କୋବିନ୍ଦ କଟକ ସ୍ଥିତ ବିଜୁ ମ୍ୟୁଜିୟମ ଆନନ୍ଦ ଭବନ ସଂଗ୍ରହାଳୟକୁ ଉଦଘାଟନ କରିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଓଡ଼ିଶା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଅପରପକ୍ଷରେ ଶ୍ରୀ କୋବିନ୍ଦଙ୍କ ଗସ୍ତ ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦଙ୍କ ଅଧକ୍ଷତାରେ ଆଜି ବସିଥିବା ପ୍ରସ୍ତୁତି ବୈଠକ ଶେଷ ହୋଇଛି । ଏହି ବୈଠକରେ ସୁରକ୍ଷା ଓ ସ୍ୱଚ୍ଛତା ନେଇ ଆଲୋଚନା ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ **(ପୃଷ୍ଠା-୭)**

# ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ଆଗୁଆ

## ୩ ଜିଲ୍ଲାକୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୮।୩ (ସକାଳ ଖବର): ବିଶ୍ୱ ମହିଳା ଦିବସ ଅବସରରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟ କାର୍ଯ୍ୟାଳୟ ଠାରେ ସଭାନେତ୍ରୀ ବିଧାୟିକା ଶ୍ରୀମତୀ ପ୍ରମିଳା ମଲିକଙ୍କ ସଭାପତିତ୍ୱରେ ମହିଳା ଦିବସ ପାଳନ ହୋଇଯାଇଛି। ଏହାକୁ ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଶ୍ୱ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ମା'ମାନଙ୍କୁ ଓ ସଭାରେ ଉପସ୍ଥିତ ମହିଳାମାନଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଯେ ବିଜୁବାବୁଙ୍କ ଆଦର୍ଶରେ ଗଠିତ ବିଜୁ ଜନତା ଦଳ ମା'ମାନଙ୍କର ସଶକ୍ତିକରଣ ପାଇଁ ସମର୍ପିତ। ଆପଣମାନେ ଜାଣନ୍ତି, ମହିଳାମାନଙ୍କ ଅଧିକାରର ସୁରକ୍ଷା ପାଇଁ ବିଜୁବାବୁ ଅନେକ ଐତିହାସିକ ପଦକ୍ଷେପ ନେଇଥିଲେ। ପଂଚାୟତିରାଜ ଓ ସରକାରୀ ଚାକିରିରେ ସଂରକ୍ଷଣ ଠାରୁ ଆରମ୍ଭ କରି ମହିଳା କମିଶନ ଗଠନ ଓ ଯୌତୁକ ଆଇନକୁ କାର୍ଯ୍ୟକାରୀ କରିବା ପର୍ଯ୍ୟନ୍ତ ଅନେକ ପଦକ୍ଷେପ ନେଇ ଓଡ଼ିଶାରେ ମହିଳାମାନଙ୍କ ପାଇଁ ଏକ ନୂଆ ଯୁଗ ଆରମ୍ଭ କରିଥିଲେ। ଓଡ଼ିଶା ଆଜି **(ପୃଷ୍ଠା-୭)**



## ମହୁମାଛି ଆତଙ୍କ



ଭୁବନେଶ୍ୱର, ୮।୩ (ସକାଳ ଖବର): ରାଜ୍ୟ ସଚିବାଳୟରେ ଆତଙ୍କ ଖେଳାଇଲା ମହୁମାଛି। ମହୁମାଛି ଭୟରେ ଯିଏ ଯୁଆଡେ ପାରିଲେ ଜୀବନ ବିକଳରେ ଦୌଡିଲେ । ସଚିବାଳୟ କର୍ମଚାରୀ , ଅତିଥି ସମସ୍ତେ ଇତଃସ୍ତତ ହୋଇ ଦୌଡୁଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସହିତ ପ୍ରମୋ ସୁଟିଂ ପାଇଁ ସଚିବାଳୟ ଆସିଥିବା କିଛି ଆଦିବାସୀ ପୁରୁଷ ଓ ମହିଳା ମଧ୍ୟ ଭୟଭୀତ ହୋଇଯାଇଥିଲେ। ମହୁମାଛି କାମୁଡାରେ କିଛି ଜଣ ଆହତ ମଧ୍ୟ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ଏହି ଘଟଣାସବୁ ଘଟି ଯାଇଥିଲା । ମୁଖ୍ୟମନ୍ତ୍ରୀ ସଚିବାଳୟରେ ପହଂଚିବା ପରେ ରାସ୍ତା ବଦଳାଇ ନିଜ ପ୍ରକୋଷ୍ଠକୁ ଯାଇଥିଲେ। ସୂଚନା ଅନୁଯାୟୀ ଗୁରୁବାର ଦିନ ଅନୁସୂଚିତ ଜାତି ଓ ଜନଜାତିଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ଯେଉଁ ସବୁ କାର୍ଯ୍ୟକ୍ରମ କରୁଛନ୍ତି, ତାହା ଉପରେ ସଚିବାଳୟରେ ଏକ ପ୍ରମୋ ସୁଟିଂ ହେବାର ଥିଲା। ପ୍ରମୋ ସୁଟିଂ ପାଇଁ ଆସିଥିବା ଆଦିବାସୀ ଲୋକମାନେ ପାରମ୍ପରିକ ପୋଷାକରେ ସଚିବାଳୟରେ ପହଂଚିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯୋଗଦେବାର ଥିଲା। ତେବେ ମୁଖ୍ୟମନ୍ତ୍ରୀ ଆସିବା ପୂର୍ବରୁ ସଚିବାଳୟ ପରିସରରେ ଆତଙ୍କ ରଚିଲେ ମହୁମାଛି। ଭୟରେ ସଚିବାଳୟ କର୍ମଚାରୀ ଓ ପ୍ରମୋ ସୁଟିଂ ପାଇଁ ଆସିଥିବା ଆଦିବାସୀ ଲୋକମାନେ ପିଲାଛୁଆଙ୍କୁ ଧରି ଲନ୍‌ରୁ ସଚିବାଳୟ ଭିତରକୁ ଦୌଡ଼ି ଥିଲେ। କିଛି ଲୋକ ସଚିବାଳୟ ଲନ୍ ରେ ଲୁଗା ଘୋଡ଼ାଇ ଶୋଇ ପଡ଼ିଥିଲେ। ମହୁମାଛି କାମୁଡ଼ାରେ ଆହତ ପିଲାମାନେ ଚିତ୍କାର କରୁଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ଆସିବା ପୂର୍ବରୁ ଏସବୁ ଘଟଣା ଘଟିଥିଲା। ପରେ ମୁଖ୍ୟମନ୍ତ୍ରୀ ଆସିଥିଲେ ମଧ୍ୟ ପ୍ରମୋ ସୁଟିଂ ବନ୍ଦ ରଖାଯାଇଥିଲା।

## ସୋହେଲଙ୍କୁ ଖୋଜିବାକୁ ଦିଲ୍ଲୀ ଗଲା ପୋଲିସ୍ ଟିମ୍

ଭୁବନେଶ୍ୱର, ୮।୩ (ସକାଳ ଖବର): ଏମସ୍‌ରେ ପଢୁଥିବା ଜାମ୍ମୁ କାଶ୍ମୀରର ଛାତ୍ର ସୋହେଲ ଏଜାଜ୍ ନିଖୋଜ ମାମଲାରେ ତଦନ୍ତ ପାଇଁ ଦିଲ୍ଲୀ ଯାଇଛନ୍ତି କମିସନରେଟ ପୋଲିସର ଏକ ତିନି ଜଣିଆ ଟିମ। ସୋହେଲଙ୍କ ପିତା ଦେଇଥିବା ସୂଚନା ଆଧାରରେ ଖଣ୍ଡଗିରି ଥାନାର ପୋଲିସ ଟିମ୍ ଦିଲ୍ଲୀ ନିକଟ ଗୁରୁଗ୍ରାମରେ ଖୋଳତାଡ କରିବ। ଗୁରୁଗ୍ରାମରେ ନିଖୋଜ ସୋହଲଙ୍କୁ ଏକ ସୁରକ୍ଷାକର୍ମୀ ଦେଖିଥିବା ନେଇ ଗଣମାଧମର ଖବର ପ୍ରକାଶ ପାଇଥିଲା। ଏହାପରେ ସୋହଲଙ୍କ ପିତାଙ୍କ ଠାରୁ **(ପୃଷ୍ଠା-୭)**





**ଗରିବଙ୍କୁ ହଇରାଣ ଓ କଷ୍ଟ ଦିଅନ୍ତୁ ନାହିଁ**



**ହୁଣ୍ଡିର ଆୟ (୬.୩.୧୮)**
**୨, ୩୭, ୦୧୨**

## ଶେଷ ଦିନରେ ବି ଭାଇରାଲ ହେଲା ମାଟ୍ରିକ୍ ପ୍ରଶ୍ନପତ୍ର

ଭୁବନେଶ୍ୱର, ୮।୩ (ସକାଳ ଖବର): ମାଟ୍ରିକ ପରୀକ୍ଷାର ଶେଷ ଦିନରେ ମଧ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ଦିନ ମାଟ୍ରିକ୍ ପରୀକ୍ଷାର ଶେଷ ଦିନରେ ସାମାଜିକ ବିଜ୍ଞାନ ବିଷୟରେ ପରୀକ୍ଷା ଥିବା ବେଳେ ପ୍ରଶ୍ନପତ୍ର ହ୍ୱାଟସ୍ ଆପରେ ଭାଇରାଲ ହୋଇଥିବା ଅଭିଯୋଗ ହୋଇଛି। ପରୀକ୍ଷା ଆରମ୍ଭର ପ୍ରାୟ ଘଂଟାଏ ପରେ କାମାକ୍ଷାନଗର ଓ ଜଗତସିଂହପୁର ଅଂଚଳରେ ପ୍ରଶ୍ନପତ୍ର ଭାଇରାଲ ହୋଇଯାଇଥିଲା।

ସୂଚନାଯୋଗ୍ୟ, ଦୁଇ ଦିନ ତଳେ ବିଜ୍ଞାନ ପ୍ରଶ୍ନପତ୍ର କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଂଚଳରେ ଭାଇରାଲ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହା ପୂର୍ବରୁ ଓଡ଼ିଆ, ଇଂରାଜୀ, ବିଜ୍ଞାନ ଓ ଗଣିତ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଅଭିଯୋଗ ଆସିଥିବା ବେଳେ ବିଭାଗୀୟ ମନ୍ତ୍ରୀ ଏହାକୁ ଖଣ୍ଡନ କରିଥିଲେ।

# ଟିଡିପି ଦେବ ବାହାରୁ ସମର୍ଥନ

## ଇସ୍ତଫା ଦେଲେ ଟିଡିପିର ଦୁଇମନ୍ତ୍ରୀ

## ମୋଦି-ନାଇଡୁ ଆଲୋଚନା ବିଫଳ

ନୂଆଦିଲ୍ଲୀ, ୮।୩: ତେଲୁଗ ଦେଶମ ପାର୍ଟିକୁ କେନ୍ଦ୍ର ସରକାରରେ ରଖିବା ପାଇଁ ବିଜେପିର ଉଦ୍ୟମ ବିଫଳ ହୋଇଛି । ପିଏମ ନରେନ୍ଦ୍ର ମୋଦୀଙ୍କ ସହିତ କେନ୍ଦ୍ରରେ ସାମିଲ ଦୁଇ ଟିଡିପି ମନ୍ତ୍ରୀ ୱାଇଏସ ଚୌଧୁରୀ ଓ ଅଶୋକ ଗଜପତି ରାଜୁ ନିଜର ଇସ୍ତଫା ପତ୍ର ଦେଇଛନ୍ତି । ମୋଦୀ ସରକାରରେ ଅଶୋକ ଗଜପତି ରାଜୁ ନାଗରିକ ବିମାନ ଉଡାଣ ମନ୍ତ୍ରୀ ଥିବା ବେଳେ ୱାଇଏସ ଚୌଧୁରୀ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ଥିଲେ । ଇସ୍ତଫା ଦେବା ପରେ ଚୌଧୁରୀ କହିଛନ୍ତି ଯେ ଆମେ ଏନଡିଏର ଅଂଶ ହୋଇ ରହିବୁ ମାତ୍ର କୌଣସି ମନ୍ତ୍ରୀପଦରେ ରହିବୁ ନାହିଁ । ଏହା ପୂର୍ବରୁ ପିଏମ ନରେନ୍ଦ୍ର ମୋଦୀ ଓ ସିଏମ ଚନ୍ଦ୍ର ବାବୁ ନାଇଡୁଙ୍କ ଆଲୋଚନା ପରେ ଲାଗୁଥିଲା ଯେ ଦୁଇ ଦଳ ସରକାରରେ ରହିବା ପାଇଁ ସହମତି ହୋଇପାରେ । ଉଲ୍ଲେଖଯୋଗ୍ୟ ଏହା ପୂର୍ବରୁ ଗୁରୁବାର ଆନ୍ଧ୍ର ପ୍ରଦେଶ ସରକାରରେ ଥିବା ଦୁଇ ମନ୍ତ୍ରୀ ମଧ ନିଜ ପଦରୁ ଇସ୍ତଫା ଦେଇଥିଲେ । ଦୁଇ କେନ୍ଦ୍ର ମନ୍ତ୍ରୀ ଇସ୍ତଫା ଦେବା ପରେ ମିଡିଆଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ ଆମେ ସରକାରରେ ସଠିକ୍ ଢଙ୍ଗରେ କାମ କରିଛୁ । ମାତ୍ର ପରିସ୍ଥିତକୁ ଦେଖି ଆମକୁ ଇସ୍ତଫା ଦେବାକୁ ପଡିଛି । ଚୌଧୁରୀ କହିଛନ୍ତି ଯେ ଆମେ ଏନଡିଏରେ ରହିବୁ, ଯେମିତି ଅନେକ ଦଳ ସାମିଲ ଅଛନ୍ତି ଏବଂ ସେମାନଙ୍କର ମନ୍ତ୍ରୀ ମଧ କେନ୍ଦ୍ରରେ ସାମିଲ ନାହାନ୍ତି । ପିଏମ ମୋଦୀଙ୍କ ସପକ୍ଷରେ ଚୌଧୁରୀ କହିଛନ୍ତି ଯେ ଏମିତି ପ୍ରସଙ୍ଗରେ ପିଏମ ମୋଦୀ ନିଜ ସ୍ତରରେ ଡିଲ କରିବେ, ଏମିତି ଅପେକ୍ଷା କରାଯାଇ ପାରିବ ନାହିଁ । ଏହି କାମ ସେହି ମନ୍ତ୍ରୀଙ୍କୁ କରିବା ଉଚିତ୍, ଯେଉଁମାନଙ୍କ ଦାୟିତ୍ୱରେ ଏହି କାମ ରହିଛି । କେନ୍ଦ୍ରରେ ଥିବା ଟିଡିପିର ଏହି ମନ୍ତ୍ରୀ ଦ୍ୱୟ କହିଛନ୍ତି ଯେ ଏହା ଦୁର୍ଭାଗ୍ୟପୂର୍ଣ୍ଣଛ କିନ୍ତୁ ଆମେ ମନ୍ତ୍ରୀ ନରହିବଲେ ମଧ ସାଂସଦ ଭାବେ ଆନ୍ଧ୍ର ପ୍ରଦେଶ ପାଇଁ କାମ କରି ଚାଲିବୁ । ବୁଧବାର ଅର୍ଥ ମନ୍ତ୍ରୀ ଅରୁଣ ଜେଟଲୀ କହିଥିଲେ ଯେ ଆନ୍ଧ୍ର ପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପରି ଯଥା ସମ୍ଭବ ପ୍ରୟାସ କରିବୁ । ମାତ୍ର ଆନ୍ଧ୍ରକୁ ସ୍ୱତନ୍ତ୍ର ପାହ୍ୟାର ମାନ୍ୟତା ଦିଆଯାଇ ପାରିବ ନାହିଁ । ଏହା ପରେ ବୁଧବାର ସନ୍ଧ୍ୟାରେ ହିଁ ଟିଡିପିର ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ କେନ୍ଦ୍ର ସରକାରରେ ସାମିଲ ନିଜର ଦୁଇ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ଆଦେଶ ଦେଇଥିଲେ । ଟିଡିପିର କହିବା କଥା ଆମେ କେନ୍ଦ୍ର ସରକାରଙ୍କଠୁ ଅଲଗା ହେଉଛି, ମାତ୍ର ଏନଡିଏର ଅଂଶ ହୋଇ ରହିବୁ । ୱାଇଏସ ଚୌଧୁରୀ **(ପୃଷ୍ଠା-୭)**



## ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ : ୨ ଯବାନ ସହିଦ୍

ମାଲକାନଗିରି, ୮।୩ (ସକାଳ ଖବର): ସୀମାନ୍ତ ଛତିଶଗଡ଼ ରାଜ୍ୟ କାଂକେର ଜିଲ୍ଲାରେ ଗତକାଲି ସଂନ୍ଧ୍ୟାରେ ମାଓବାଦୀଙ୍କ ଦ୍ୱାରା ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ବିଏସଏଫ ଆସିଷ୍ଟାଂଟ କମାଣ୍ଡର ଗଜେନ୍ଦ୍ର ସିଂ ଓ କନେଷ୍ଟବଳ ଅମରେଶ କୁମାର ସହିଦ୍ ହୋଇଛନ୍ତି । ସୂଚନା ଅନୁଯାୟୀ, ରାବଘାଟ ଥାନା ଠାରୁ ବିଏସଏଫ ୧୩୪ ବାଟାଲିଅନର ଯବାନମାନେ ସର୍ଚ୍ଚ ଅପରେସନରେ କେଲନାର ଓ କୌନକୌଡା ଅଂଚଳକୁ ଯାଇଥିଲେ । ଏହି ସମୟରେ ଯବାନଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ଲଗାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା । ଫଳରେ ୨ ଜଣ ଯବାନ ଘଟଣାସ୍ଥଳରେ ସହିଦ୍ ହୋଇଥିଲେ । ବିସ୍ଫୋରଣ ପରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ପରେ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ । ଏନେଇ ଅଧିକ ସୂଚନା ଦେଇ କାଂକେର ଡିଆଇଜି ରତନଲାଲ ଡାଙ୍ଗି କହିଛନ୍ତି ଯେ, ଘଟଣାସ୍ଥଳରେ କେତେକ ସ୍ଥାନରେ ରକ୍ତ ଛିଟା ପଡିଛି । ଏପରିକି ଶବ ଘୋଷାରି ନେବାର ଚିହ୍ନ ରହିଛି । ଯାହାକୁ ନେଇ ୪/୫ ଜଣ ମାଓବାଦୀ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି ।

# କେନ୍ଦୁପତ୍ର ତୋଳାଳୀମାନଙ୍କୁ ମିଳିବ ଶହେ ପ୍ରତିଶତ ବୋନସ୍



ଭୁବନେଶ୍ୱର, ୮।୩ (ସକାଳ ଖବର): ୨୦୧୮ ଫସଲ ବର୍ଷ ପାଇଁ କେରୀ ଅଂଚଳରେ (୨୦ପତ୍ର) କେନ୍ଦୁପତ୍ର ସଂଗ୍ରହ ମୂଲ୍ୟ ୮୦ ପଇସାରୁ ୧ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଫାଲ ଅଂଚଳରେ (୪୦ପତ୍ର) ସଂଗ୍ରହ ମୂଲ୍ୟକୁ ୧ ଟଙ୍କା ୬୦ ପଇସାରୁ ୨ ଟଙ୍କାକୁ ବୃଦ୍ଧି କରାଯାଇଛି। ୨୦୧୭ ଫସଲ ବର୍ଷ ପାଇଁ କେନ୍ଦୁପତ୍ରର କ୍ରୟ ମୂଲ୍ୟ ଉପରେ କେନ୍ଦୁପତ୍ର ତୋଳାଳୀମାନଙ୍କୁ ଶହେ ପ୍ରତିଶତ ବୋନସ୍ ଦିଆଯିବ ଏବଂ ୨୦୧୭ ବର୍ଷ ପାଇଁ କେନ୍ଦୁପତ୍ର ସିଜନାଲ କର୍ମଚାରୀ ଓ ବନ୍ଧାଳୀମାନଙ୍କୁ ତାଙ୍କ ମଜୁରୀର ୨୦ ପ୍ରତିଶତ ହାରରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଗୁରୁବାର ଦିନ ସଚିବାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କେନ୍ଦୁପତ୍ର ଉନ୍ନୟନ ପରିଷଦର ପଂଚମ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁପତ୍ର ତୋଳାଳୀମାନଙ୍କ କଲ୍ୟାଣ ପାଇଁ ଉପରୋକ୍ତ ନିଷ୍ପତି ନିଆଯାଇଥିଲା। ଏହି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ୭.୫ଲକ୍ଷ କେନ୍ଦୁପତ୍ର ତୋଳାଳୀ ଓ ୨୬ ହଜାର ବନ୍ଧାଳୀ ଅଛନ୍ତି । ସେଥିପାଇଁ କେନ୍ଦୁପତ୍ର ବ୍ୟବସାୟର **(ପୃଷ୍ଠା-୭)**

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**